The Odisha Gazette

EXTRAORDINARY
PUBLISHED BY AUTHORITY

No. 3411 CUTTACK, MONDAY, DECEMBER 5, 2022/MARGASIRA 14, 1944

# ରାୟଗଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

The 3rd November 2022

No. 1097—ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ରାୟଗଡା ଜିଲ୍ଲାର ଟିଟିଲାଗଡ଼-ବିଜୟନଗରମ୍ ୩ୟ ରେଳପଥ ପ୍ରକଳ୍ପ ନିର୍ମାଣନିମନ୍ତେସରକାର (Appropriate Government)ସରକାରୀ ବ୍ୟୟରେ ମୌଜା–**କୁମୁଡାବାଲି**, ତହସିଲ-ମୁନିଗୁଡା, ଥାନା-ଆମ୍ବାଦୋଲା, ଜିଲ୍ଲା- ରାୟଗଡାରେ ନିମ୍ନ ତଫସିଲ ମତେ ପ୍ରାୟ ରକବା **ଏ. ୦.୭୯୪ ଡ଼ି.** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜୁନ, ପୂନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ 2013 (RFCTLAR & R Act-2013) ର 11(1) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government)ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୁଚନା ଜାରି କରାଯାଉଛି । ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜୁନ, ପୂନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ 2013 ର 11(1) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୁଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ରାୟଗଡା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

# ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ :- ଟିଟିଲାଗଡ଼-ବିଜୟନଗରମ୍ 3ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ :- ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ) ବିଶାଖାପାଟଣା

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ:- ସାର୍ବଜନୀନ ଉଦ୍ଦେଶ୍ୟର 3 ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।

୪. ସାମାଜିକ ପ୍ରଭାବ ମୁଲ୍ୟାୟନର ସାରାଂଶ:- ଉକ୍ତ ପ୍ରକଳ୍ପ ପାଇଁ SIA STUDY VIDE NO.SIA-945 /NCDSDT. 19.04.2022 ଦ୍ରଷ୍ଟବ୍ୟ

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ :- ଉପ ଜିଲ୍ଲାପାଳ, ଗୁଣୁପୁର

୬. ଜମିର ବିବରଣୀ

| ଜିଲ୍ଲା | ତହସିଲ | ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ରାୟଗଡା | ମୁନିଗୁଡ଼ା | କୁମୁଡ଼ାବାଲି | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ ଅଛି | ଏଥିସହ ସଂଲଗ୍ନ ଅଛି | ଏ.୪.୧୦୯ଡ଼ି | ଏ.୦.୭୯୪ଡ଼ି | ଏଥିସହ ସଂଲଗ୍ନ ଅଛି |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଟିଟିଲାଗଡ଼-ବିଜୟନଗରମ୍ 3ୟ ରେଳପଥ ପ୍ରକଳ୍ପ, ରାୟଗଡ଼ାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ରାୟଗଡ଼ା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

| ଭୂମି ଅଧିଗ୍ରହଣ ଅନୁସୂଚୀ | | | | | | |
|---|---|---|---|---|---|---|
| ମୌଜା- କୁମୁଡ଼ାବାଲି (ଗ୍ରାମାଞ୍ଚଳ), ତହସିଲ-ମୁନିଗୁଡା, ଥାନା- ଆମ୍ବାଦଲା, ଥାନା ନଂ.୧୩୦ ଜିଲ୍ଲା-ରାୟଗଡା | | | | | | |
| ଟିଟିଲାଗଡ଼-ବିଜୟନଗରମ୍ ୩ୟ ରେଳପଥ ପ୍ରକଳ୍ପ ନିମନ୍ତେ | | | | | | |
| ଖାତା ନଂ. | ସତ୍ୱ | କିସମ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | ରୟତଙ୍କ ନାମ ପିତାଙ୍କ ନାମ/ସ୍ୱାମୀଙ୍କ ନାମ |
| ୧୨ | ରୟତି | ଡଙ୍ଗର ଡିନି | ୨୩୩ | ୧ .୭୦୦ | ୦.୨୩୧ | ଧାନଫୁଲ ଡମ୍ବ ପି-ସାଦୁ ଡମ୍ବ, ଜା- ଡ଼ମ୍ବ ବା-ନିଜଗାଁ |
| ୪୩/୫୬୭ | ରୟତି | ଘରବାରି | ୨୩୪/୭୯୨ | ୦.୦୫ ୦ | ୦.୦୧୦ | ନିଳକଣ୍ଠ କୁଶୁଲିଆ ପି:ଚମାର କୁଶୁଲିଆ ଜା: ଡମ୍ବ ବା: ଅମ୍ବାଦଳା |
| ୪୩/୫୭୩ | ରୟତି | ଧାନ ଡିନି | ୨୩୪/୭୯୬ | ୦.୦୫୦ | ୦.୦୧୦ | ସୁଦରମଲ ହିଆଲ ପି:ସୁନାଧର ହିଆଲ ଜା: ଡମ୍ବ ବା: ଷ୍ଟେସନ କୁମୁଡାବାଲି |
| ୧୨ | ରୟତି | ଡଙ୍ଗର ଡିନି | ୨୩୫ | ୦.୬୭୦ | ୦.୨୭୯ | ଧାନଫୁଲ ଡମ୍ବ ପି-ସାଦୁ ଡମ୍ବ, ଜା- ଡ଼ମ୍ବ ବା-ନିଜଗାଁ |
| ୧୨ | ରୟତି | ଧାନ ଦୁଇ | ୨୩୬ | ୧.୫୩୦ | ୦.୧୫୫ | ଧାନଫୁଲ ଡମ୍ବ, ପି-ସାଦୁ ଡମ୍ବ, ଜା- ଡ଼ମ୍ବ, ବା-ନିଜଗାଁ |
| ୩୬ | ରୟତି | ଡଙ୍ଗର ଡିନି | ୨୦୪ | ୦.୧୦୯ | ୦.୧୦୯ | ଲକ୍ଷ୍ମୀ ସାହୁଆଣୀ, ପି – କୃପାସିନ୍ଧୁ ସାହୁ, ଜା –ଶୁଣ୍ଢୀ, ବା – ଅମଲାଭଟା |
| | | | **ମୋଟ** | **୪.୧୦୯** | **୦.୭୯୪** | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ଶ୍ରୀମତୀ ସୁଧା ଦେବ ସିଂ
ଜିଲ୍ଲାପାଳ, ରାୟଗଡ଼ା

,

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 2781—173+9